# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୧୧ ଡିସେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ସମବାୟ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ନଡିଆ କତା ଦ୍ୱାରା ଗୃହ ଉପକରଣ ସାମଗ୍ରୀ ତାଲିମ ଦେବା

***317 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସତ୍ୟବାଦୀ, କଣାସ ବ୍ଲକ ସହ ପୁରୀ ଜିଲ୍ଲାରେ ବ୍ୟାପକ ନଡିଆ ଚାଷ ହେଉଥିବା ଓ ଉତ୍ପାଦିତ ନଡିଆର କତା,ସଢ଼େଇ ସାଙ୍ଗକୁ ଗୃହ ଉପକରଣ ଓ ଅନ୍ୟ ଖେଳଣା ପ୍ରସ୍ତୁତ ପାଇଁ ମହିଳାମାନଙ୍କୁ ତାଲିମ ଦେଇ ସେମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### ଆଳୁ ଚାଷକୁ ପ୍ରୋତ୍ସାହନ

***୨୨୧ ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ସରକାର ଚଳିତ ଆର୍ଥିକ ବର୍ଷରେ କଣ ବିଶେଷ ପଦକ୍ଷେପମାନ ଗ୍ରହଣ କରି କେତେ ଅର୍ଥ କେଉଁଥିପାଇଁ ଖର୍ଚ୍ଚ କରିବେ ; ଆଳୁ ମିଶନ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ତଥା ବାଲେଶ୍ୱର ଜିଲ୍ଲାରେ କେଉଁ ଅଞ୍ଚଳରେ ଆଳୁ ଚାଷ ପାଇଁ ସରକାର କେଉଁ ପ୍ରକାରର ବିଶେଷ ସହଯୋଗ କରିବେ ; (ଖ) ଶୀତ ଦିନକୁ ଆଖି ଆଗରେ ରଖି ଉଦ୍ୟାନ କୃଷି ବିଭାଗ ପକ୍ଷରୁ କେଉଁ କାର୍ଯ୍ୟ ସବୁ ହାତକୁ ନିଆଯିବ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାଇଁ ଉକ୍ତ ବିଭାଗର ପ୍ରମୁଖ କାର୍ଯ୍ୟ ଓ ତାର କ୍ରିୟାନ୍ୱୟନ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଉକ୍ତ ବିଭାଗ ଅନ୍ତର୍ଗତ ବାଲେଶ୍ୱର ସଦର ପାଇଁ ଯେତିକି ସରକାରୀ ଅଧିକାରୀ ରହିବା କଥା ଏଯାବତ୍ ସେତିକି ଅଧିକାରୀ କଣ ପାଇଁ ନିଯୁକ୍ତି ଦିଆଯାଇନାହିଁ ଓ କେବେ ସୁଦ୍ଧା ସମସ୍ତ ଖାଲିପଡିଥିବା ପଦବୀ ସଂଖ୍ୟା ପୂରଣ କରାଯିବ?

----

## ସ୍ୱଳ୍ପ ମୂଲ୍ୟର କିରୋସିନି ଯୋଗାଣ

***୩୨୨ ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଦ୍ୟୁତ ସଂଯୋଗ ହୋଇନଥିବା ଗ୍ରାମ ଓ ପଡ଼ାଗ୍ରାମର ବାସିନ୍ଦାମାନଙ୍କୁ ସ୍ୱଳ୍ପମୂଲ୍ୟରେ କିରୋସିନି ଯୋଗାଇଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ୍ ସେବା

***୩୨୩ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ୩୦ଟି ପଞ୍ଚାୟତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ପାଖରେ ରହୁଅଛି, ପ୍ରତ୍ୟେକ ବର୍ଷ ଏଠି ବାତ୍ୟା ଓ ବନ୍ୟାର ଭୟ ରହୁଅଛି, ଯାହାଦ୍ୱାରା ବିଦ୍ୟୁତ୍ ଖୁଣ୍ଟ ଓ ବିଦ୍ୟୁତ୍ ତାର ସବୁ ଲୁଣି ପବନ ଖାଇ ନଷ୍ଟ ହେଉଛି ଏବଂ ବନ୍ୟା ବାତ୍ୟାରେ ଭାଙ୍ଗି ଉପୁଡି ଯାଉଛି, ତେଣୁ ଏ ସବୁରୁ ରକ୍ଷା ପାଇଁ ଅଣ୍ଡର ଗ୍ରାଉଣ୍ଡ ୱାୟାର ବ୍ୟବସ୍ଥା ରହିଛି କି, ଯଦି ନାହିଁ ଏହା ଉପରେ ବିଶେଷ ଧ୍ୟାନ ଦେବେ କି ?

----

## ଚିନିକଳ ପ୍ରତିଷ୍ଠା

***୩୨୪ ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ସ୍ଥାନରେ ଚିନିକଳ (Sugar Mill) ପ୍ରତିଷ୍ଠା ହୋଇଅଛି ଓ ସେଗୁଡିକ କେଉଁ ସଂସ୍ଥା ଦ୍ୱାରା ପରିଚାଳିତ ହେଉଅଛି ; (ଖ) ବଲାଙ୍ଗିର ଜିଲ୍ଲାରେ ପୂର୍ବରୁ ଏକ ଚିନିକଳ ଚାଲୁଥିଲା, ଯାହା ବନ୍ଦ ହୋଇ ଯାଇଥିବାରୁ ଅଞ୍ଚଳର ଆଖୁ ଚାଷୀ ଉଚିତ ମୂଲ୍ୟ ନପାଇ କମ ଦାମରେ କଞ୍ଚାମାଲ ଅନ୍ୟତ୍ର ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ; ଏଣୁ ଚାଷୀଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲ୍ଲା ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଏକ ଚିନିକଳ ପ୍ରତିଷ୍ଠା କରିବା ପାଇଁ ସରକାର ବିଚାର କରିବେ କି?

----

## Poor condition of Veterinary Hospital in Cuttack

***395 Smt. Sofia Firdous (Barabati-cuttack):**

Will the Minister for **Fisheries & Animal Resources Development** be pleased to state that:-

(a) Considering the poor condition of the Veterinary Hospital in Buxi Bazar, Cuttack, as observed during a recent surprise visit, what is the current status of filling vacancies for doctors, support staff and other necessary personnel; (b) What steps have been taken to address the shortage of essential equipment and infrastructure in the Hospital and when is the hospital expected to become fully functional with adequate staff, equipment and facilities to serve the public effectively?

----

## ବୁଣାକାର ମାନଙ୍କୁ ନୂତନ ସରଞ୍ଜାମ ଯୋଗାଣ

*୩୯୬ **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟରେ ହସ୍ତତନ୍ତ ଦ୍ୱାରା ବିଭିନ୍ନ ଅଞ୍ଚଳରେ ହାତବୁଣା ସାମଗ୍ରୀକୁ ଉଚ୍ଚକୋଟୀର କରିବା ପାଇଁ ବୁଣାକାରମାନଙ୍କୁ ସରକାର କି କି ନୂତନ ସରଞ୍ଜାମ ଯୋଗାଇ ଦେବାର ବ୍ୟବସ୍ଥା କରୁଛନ୍ତି ଏହି ସରଞ୍ଜାମ ଯୋଗାଇବା ପାଇଁ କେତେ ଜଣ ଠିକାଦାର ରେଜିଷ୍ଟ୍ରିଭୁକ୍ତ ଅଛନ୍ତି, ସେମାନଙ୍କର ନାମ ଓ ଠିକଣା ଦେବାସହ, (ଖ) କଟକ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ କି କି ସରଞ୍ଜାମ କେଉଁ ଠିକାଦାର ଯୋଗାଇଛନ୍ତି ଏବଂ ସେଗୁଡିକ କେଉଁ ବୁଣାକାରଙ୍କୁ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ସରଞ୍ଜାମର ନାମ ସହ ତାଲିକାଦେବେ କି; ଉକ୍ତ ସରଞ୍ଜାମ ନିମ୍ନମାନର ହେଉଥିବାରୁ ବହୁ ବୁଣାକାର ଅସନ୍ତୁଷ୍ଟ ହେଉଛନ୍ତି, ତେଣୁ ଏହାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଇବାର ବ୍ୟବସ୍ଥା କରିବେ କି ?

----

## ଦଶପଲ୍ଲା ଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା

*୩୯୭ **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

*୩୯୮ **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## ଆବଶ୍ୟକ ମୁତାବକ ସରକାରୀ ବିହନ ମିଳିବା

*୩୯୯ **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଚଳିତ ବର୍ଷ ଉଚିତ ସମୟରେ ସରକାରୀ ବିହନ ଆବଶ୍ୟକ ମୁତାବକ ନମିଳିବାରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗ୍ରାମର ଚାଷୀମାନେ ନିକଟସ୍ଥ ସାର ଓ ବିହନ ଦୋକାନରୁ ବିହନ ଆଣି ଚାଷ କରିଥିଲେ, ଆଶା ଥିଲା ଅଧିକ ଅମଳ ଓ ଭଲ ଲାଭ ମିଳିବ, ମାତ୍ର ସମୟ ପୂର୍ବରୁ ଅର୍ଥାତ୍ ଏକ ମାସ ପୂର୍ବରୁ ଅସ୍ୱାଭାବିକ ଭାବେ ଧାନ କେଣ୍ଡା ବାହାରିଛି ଏବଂ ୭୦ ପ୍ରତିଶତ ଧାନ ଗଛରେ କେଣ୍ଡା ବାହାରୁନି, ତେଣୁ ନକଲି ଓ ନିମ୍ନମାନର ବିହନ ଯୋଗାଣକାରୀ ସଂସ୍ଥା ଏବଂ ବ୍ୟବସାୟୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହିତ ଆଗାମୀ ଦିନରେ ଏହାକୁ କିପରି ରୋକାଯାଇ ପାରିବ ସେ ଦିଗରେ ରାଜ୍ୟ ସରକାରଙ୍କର କିଛି ବ୍ୟବସ୍ଥା ଅଛି କି ?

----

## ଚାଷୀମାନଙ୍କଠାରୁ ଧାନ କ୍ରୟ

*400 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଷୀମାନଙ୍କ ଠାରୁ ଏକର ପିଛା କେତେ କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଓ ଏକର ପିଛା ଚାଷୀମାନେ ଉତ୍ପାଦିତ କରୁଥିବା ସମସ୍ତ ଧାନକୁ କ୍ରୟ ପାଇଁ ନିଷ୍ପତ୍ତି ଗ୍ରହଣ କରିବେ କି ?

----

## ଗ୍ରାମକୁ ବିଦ୍ୟୁତ ସଂଯୋଗ

*401 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଗ୍ରାମକୁ ବିଜୁଳି ସଂଯୋଗ ହୋଇପାରି ନାହିଁ ତାର ବ୍ଲକଓ୍ୱାରୀ ତଥ୍ୟ ପ୍ରଦାନ କରିବେ କି ; କେବେ ସୁଦ୍ଧା ଉକ୍ତ ଗ୍ରାମ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ହେବ ?

----

## ଚିନି ଶିଳ୍ପର ଆଧୁନିକୀକରଣ

*402 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

୧୯୯୩ ମସିହାରେ ଚିନି ଶିଳ୍ପର ଆଧୁନିକୀକରଣ ଓ ନୂତନ ଉପକରଣ ସ୍ଥାପନା ପାଇଁ ଭାରତ ସରକାରଙ୍କ Sugar Development Fund ଠାରୁ ଅଣାଯାଇଥିବା ଋଣକୁ restructure ପରେ ହୋଇଥିବା ଚୁକ୍ତିନାମା ପ୍ରକାରେ ବର୍ତ୍ତମାନ 2125 କୋଟିର ଋଣ ଭାରକୁ ସୁଧ ସହ ପଇଠ କରିବାକୁ ପଡିବ, ତେଣୁ କ୍ଷତିରେ ଚାଲୁଥିବା ଚିନି ଶିଳ୍ପ ଠାରୁ ଉକ୍ତ ଋଣ ଭାରକୁ ପରିଶୋଧ କରିବା ନିମନ୍ତେ ପଦକ୍ଷେପ ନେବେ କି, ତାହା ସ୍ପଷ୍ଟ ଭାବେ ଅବଗତ କରାଇବେ କି ?

----

## ରାଜ୍ୟରେ ଥିବା ଗୋଶାଳା

*403 **ଶ୍ରୀ ମାଧବ ଧଡା (ସୋରୋ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଥିବା ସରକାରୀ ଗୋଶାଳା ଓ ବେସରକାରୀ ଗୋଶାଳା ମାନଙ୍କର ଏକ ତାଲିକା ଦେବେ କି; (ଖ) ସୋରୋ ରେ ଥିବା ଗୋଶାଳା ର ଉନ୍ନତି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ତଥ୍ୟ ପ୍ରଦାନ କରିବେ କି ଏବଂ ସୋରୋ ଓ ବାହାନଗା ବ୍ଲକ ରେ ଗୋଶାଳା ପାଇଁ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରିବେ କି?

----

## ରଘୁରାଜପୁର କୁ ହସ୍ତଶିଳ୍ପ ପେଣ୍ଠସ୍ଥଳୀ ମାନ୍ୟତା

*404 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସଦର ବ୍ଲକ ଅନ୍ତର୍ଗତ ରଘୁରାଜପୁରରେ ବହୁ ପଟ୍ଟଚିତ୍ର ଓ ହସ୍ତଶିଳ୍ପ କାରିଗର ହସ୍ତଶିଳ୍ପର ବ୍ୟବସାୟ କରୁଛନ୍ତି ଏବଂ ଆନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ଅନେକ ବଡ ଅଧିକାରୀ, ପଦାଧିକାରୀ ଏବଂ ସମାଜର ଉଚ୍ଚ ବର୍ଗର ବ୍ୟକ୍ତିବିଶେଷମାନ ଆସି ସେଠାକାର ଶିଳ୍ପ ମାନଙ୍କର କଳାକୃତିକୁ ଉଚ୍ଚ ପ୍ରଶଂସା କରୁଛନ୍ତି ଏବଂ ଏହି ରଘୁରାଜପୁରକୁ ଏକ ଅଘୋଷିତ ହସ୍ତଶିଳ୍ପ ପେଣ୍ଠସ୍ଥଳୀ ଭାବରେ ପରିଗଣିତ କରାଯାଇଛି ତେଣୁ ଏହି ଗ୍ରାମକୁ ସରକାରୀ ମାନ୍ୟତା ପ୍ରଦାନ କରିବେ କି ?

----

## ଖଦୀ ଓ କୁଟିର ଶିଳ୍ପର ବିକାଶ

*405 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରୀ ଜିଲ୍ଲାରେ ଖଦୀ ଓ କୁଟିର ଶିଳ୍ପର ବିକାଶ ପାଇଁ ଜିଲ୍ଲାରେ ନିଯୁକ୍ତି ସହ ରୋଜଗାରକ୍ଷମ ପାଇଁ ସରକାର ପଦକ୍ଷେପ ନେଇ ହିତାଧିକାରୀମାନଙ୍କୁ ସ୍ୱାବଲମ୍ବୀ କରାଇବେ କି ?

----

## ଗଣିତ ଶିକ୍ଷା କ୍ଷେତ୍ରରେ ସଫଳତା

*406 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଗଣିତ ପ୍ରତିଷ୍ଠାନ ତରଫରୁ ବିଗତ ଦୁଇ ବର୍ଷରେ ଗଣିତ ଶିକ୍ଷା କ୍ଷେତ୍ରରେ କି କି ସଫଳତା ହାସଲ ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## କୃଷି ବିଜ୍ଞାନ କେନ୍ଦ୍ର ପାଇଁ ଅନୁଦାନ ବନ୍ଦ

*407 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଓୟୁଏଟି ଅଧିନରେ କାର୍ଯ୍ୟ କରୁଥିବା ଅନ୍ୟ କର୍ମଚାରୀମାନଙ୍କ ପରି ସୁବିଧା ସୁଯୋଗ ଦେବା ପାଇଁ ଆଇସିଏଆର ସହିତ ଓୟୁଏଟି ଏମଓୟୁ କରିଥିବା ସତ୍ୱେ ଏନପିଏସ, ଗ୍ରାଚ୍ୟୁଟି, ମେଡିକାଲ ଭତ୍ତା, ଏମଏସିପି ଇତ୍ୟାଦି ସୁବିଧା ଦିଆନଯିବାର କାରଣ କଣ ; ଆଇସିଏଆର ସହିତ ଓୟୁଏଟି କରିଥିବା ଏମଓୟୁ ଅନୁସାରେ ଭବିଷ୍ୟତରେ କୃଷି ବିଜ୍ଞାନ କେନ୍ଦ୍ର ପାଇଁ କେନ୍ଦ୍ରର ଅନୁଦାନ ବନ୍ଦ ହେଲେ ଏଥିରେ କାମ କରୁଥିବା କର୍ମଚାରୀମାନଙ୍କୁ ଥଇଥାନ କରିବା ନେଇ ଓୟୁଏଟି ବ୍ୟବସ୍ଥା କରିଛି କି?

----

## ଧାନ କିଣା ପାଇଁ ଅର୍ଥ ଆବଶ୍ୟକ

*408 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଚଳିତ ଖରିଫ ଋତୁରେ ଧାନ କିଣା ପାଇଁ କେତେ ଅର୍ଥ ଆବଶ୍ୟକ ଏବଂ ଏହି ଅର୍ଥ ସରକାର କେଉଁ ସୂତ୍ରରୁ ଆଣିବେ; ଧାନ କିଣା ବାବଦରେ କେତେ ଅର୍ଥ କେନ୍ଦ୍ର ସରକାରଙ୍କ ଠାରୁ ପାଇବାର ଅଛି ଏବଂ ଏଥିପାଇଁ ବ୍ୟାଙ୍କରୁ ଆଣିଥିବା ଋଣ ଓ ସୁଧର ପରିମାଣ କେତେ ରହିଛି ତାହାର ସୂଚନା ପ୍ରଦାନ କରିବେ କି, କେନ୍ଦ୍ର ସରକାର ଶେଷଥର ପାଇଁ କେବେ କେତେ ଅର୍ଥ ପ୍ରଦାନ କରିଥିଲେ ଓ କେବେସୁଦ୍ଧା ସମସ୍ତ ଅର୍ଥ ପ୍ରଦାନ କରିବେ ତାହା ଦର୍ଶାଇବେ କି ?

----

## NTPC କୁ କୋଇଲା ଯୋଗାଣ

*409 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ର ଚାହିଦା ପୂରଣ ପାଇଁ ଆବଣ୍ଟିତ ମନୋହରପୁର ଖଣିର କୋଇଲା ଦର ରାଜ୍ୟ ପାଇଁ ୪୦% ମହଙ୍ଗା ହୋଇଥିଲା ଓ ସମାନ ସର୍ତ୍ତରେ ସୁନ୍ଦରଗଡ ଜିଲ୍ଲା ଡୁଲୁଙ୍ଗ ଖଣିରୁ ଦର୍ଲିପାଲିସ୍ଥିତ ଏନଟିପିସି ଯଥେଷ୍ଟ ସୁଲଭ ମୂଲ୍ୟରେ କୋଇଲା ପାଉଥିବା ସତ୍ୟ କି, ଯଦି ହଁ, ତେବେ ରାଜ୍ୟ ଖାଉଟୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ଏ କ୍ଷେତ୍ରରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି ?

----

## ନୂତନ Cold Storage ପ୍ରତିଷ୍ଠା

*410 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବରୀ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ କେତେ Cold Storage କେଉଁ କେଉଁ ସ୍ଥାନରେ ଅଛି ସେଥିରେ କେତେ ପରିମାଣର ଫସଲ ଏବଂ ପନି ପରିବା ରଖିବାର Capacity ଅଛି ଚାଷୀ ମାନଙ୍କର ବଳକା ଫସଲକୁ ରଖିବା ପାଇଁ ଆଉ କେତୋଟି Cold Storage ଆବଶ୍ୟକ ପଡୁଛି ଅନୁଧ୍ୟାନକରି ନୂତନ Cold Storage ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଖାଲିଥିବା L.I. Post ପୂରଣ କରିବା

*411 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବଇଣ୍ଡା ଠାରେ ରାସ୍ତା ସମ୍ପ୍ରସାରଣ କାରଣରୁ L.I. Centre ଟି ଭାଙ୍ଗିଯାଇଛି, ନୂତନ L.I. Centre ନିର୍ମାଣ କରିବା ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ତିଆରି ହୋଇନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଛି କେବେସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ପ୍ରକାଶ କରିବେ କି ; ଏବଂ (ଖ) L.I. Centre ରେ L.I Post vacant ଅଛି, ଏହାକୁ Posting କରିବା ପାଇଁ ପଦକ୍ଷେପ ନେବେ କି ?

----

## ବନ୍ଦ ହୋଇଥିବା ସୂତା କଳର ପୁନଃରୁଦ୍ଧାର

*412 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ଠିକଣା ସମୟରେ ସୂତା ମିଳୁ ନ ଥିବାରୁ ବୁଣାକାର ମାନଙ୍କୁ ଉଚ୍ଚମାନର ସୂତା ଉପଲବ୍ଧ କରାଇବା ପାଇଁ ରାଜ୍ୟରେ ବନ୍ଦ ପଡିଥିବା ସୂତାକଳ ଗୁଡିକର ଆଧୁନିକୀକରଣ କରି ଚାଲୁ କରିବାର ସରକାରଙ୍କ ଯୋଜନା କଣ ଜଣାଇବେ କି ; (ଖ) କଟକ ଜିଲ୍ଲାର ତିଗିରିଆ ବ୍ଲକର ନୂଆପାଟଣା ରେ ବନ୍ଦ ହୋଇ ପଡିଥିବା ସୂତାକଳକୁ ପୁନରୁଦ୍ଧାର କରିବାର ବ୍ୟବସ୍ଥାର ଏକ ସବିଶେଷ ରୂପରେଖ କ'ଣ ଜଣାଇବେ କି ଓ ଏହା କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଏବଂ ଏହା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ନୂଆପାଟଣା ଅଞ୍ଚଳର ବୁଣାକାର ମାନଙ୍କୁ ଶସ୍ତାରେ ସୂତା ଯୋଗାଇବାର ବିକଳ୍ପ ବ୍ୟବସ୍ଥା ସବୁ କ'ଣ ଜଣାଇବେ କି?

----

## Recommendation of 7th Pay Commission

*413 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Whether the State Government is considering to implement the salary as per the recommendation of 7th Pay Commission for the Agro-Polytechnic Centres of OUAT under the Agriculture and Farmer's Empowerment Department ?

----

## ରାଶନ କାର୍ଡରେ ଗହମ ମିଳିବା

*414 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଉଟିଙ୍କୁ ରାଶନ କାର୍ଡରେ ଗହମ କେବେ ପ୍ରଦାନ କରାଯିବ, ଏବଂ କେଉଁ ଜିଲ୍ଲାରେ କେତେ ପରିମାଣର ଗହମ ଦିଆଯିବ ତା'ର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

**ଅକ୍ଷୟଶକ୍ତିର ଅଂଶ ବଢାଇବା**

*415 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାର କ୍ଷେତ୍ରରେ ଅକ୍ଷୟ ଶକ୍ତିର ଅଂଶ ବଢାଇବା ପାଇଁ ରାଜ୍ୟ ସରକାର ଚାହୁଁଛନ୍ତି କି, ଉତ୍ତର ହଁ ହୋଇଥିଲେ, ଏ ଦିଗରେ କି ପଦକ୍ଷେପ ନିଆଯାଉଅଛି, ଏବେ ରାଜ୍ୟରେ ମୋଟ ବିଦ୍ୟୁତ୍ କ୍ଷେତ୍ରରେ ଅକ୍ଷୟ ଶକ୍ତିର ଅଂଶ କେତେ ଓ ତାହା ବାର୍ଷିକ କେଉଁ ହାରରେ ବଢୁଛି ?

----

*416 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

**ମତ୍ସ୍ୟ ଚାଷୀଙ୍କୁ ଅନୁଦାନ ପ୍ରଦାନ**

*417 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ମତ୍ସ୍ୟ ବିଭାଗ ଦ୍ୱାରା ୨୦୧୯ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ କେଉଁ କେଉଁ ହିତାଧିକାରୀମାନଙ୍କୁ ସରକାରଙ୍କ କେଉଁ କେଉଁ ଯୋଜନାରୁ କି କି ଅନୁଦାନ ପ୍ରଦାନ କରାଯାଇଅଛି ?

----

**ରାଜ୍ୟରେ ଥିବା Spining Mill**

*418 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ କେତୋଟି ସ୍ପିନିଙ୍ଗ ମିଲ୍ ଅଛି, ଏହା କେଉଁ କେଉଁ ଜିଲ୍ଲାରେ ଅବସ୍ଥାପିତ, ତନ୍ମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ବନ୍ଦହୋଇଯାଇଛି, ଏହି ବନ୍ଦ ହୋଇଥିବା ଶିଳ୍ପ ମାନଙ୍କର ସରକାରଙ୍କ ଦ୍ୱାରା କେତେ ଜମି ପ୍ରଦାନ କରାଯାଇଥିଲା ଏବଂ ସେ ଜମିର ଆଜିକା ତାରିଖରେ ସ୍ଥିତି କ'ଣ ?

----

**PM କିଶାନ ସମ୍ମାନ ନିଧି ଯୋଜନାରେ ଆର୍ଥିକ ସହାୟତା**

*419 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବଡ଼ଚଣା ବ୍ଲକର କେତେ ଜଣ ଚାଷୀ ବର୍ତ୍ତମାନ PM-କିଶାନ ସମ୍ମାନ ନିଧି ଯୋଜନାରେ ଆର୍ଥିକ ସହାୟତା ପାଉଛନ୍ତି? PM-କିଶାନ ସମ୍ମାନ ନିଧି ଯୋଜନାର ପ୍ରଥମ କିସ୍ତିରୁ 17 ତମ କିସ୍ତି ଯାଏଁ, ବଡ଼ଚଣା ବ୍ଲକର କେତେ ଚାଷୀ କେତେ ଅର୍ଥ ପାଇଛନ୍ତି, ତାହାର ତଥ୍ୟ, କିସ୍ତି ୱାରୀ ପ୍ରଦାନ କରିବେ କି, ଚଳିତ ଖରିଫରେ ବଡ଼ଚଣା ବ୍ଲକର କେତେ ଜଣ ଚାଷୀ, ଧାନ ବିକିବା ପାଇଁ ନିଜକୁ ପଞ୍ଜିକୃତ କରାଇଛନ୍ତି ଏବଂ ସରକାରଙ୍କ ପକ୍ଷରୁ କେତେ ଧାନ ସଂଗ୍ରହ କରିବାକୁ ସ୍ଥିର ହୋଇଛି ?

----

## ଚାଷୀଙ୍କ ଠାରୁ FAQ ମାନର ଧାନ କିଣା

***420 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଚଳିତ ବର୍ଷ ନୂଆ କରି ଲାଗୁ ହୋଇଥିବା ନିୟମ ଅନୁଯାୟୀ ଚାଷୀଙ୍କ ଠାରୁ କେବଳ FAQ ମାନର ଧାନ କିଣାଯିବ ଏବଂ କଟନି ଛଟନି ହେବ ନାହିଁ, ଯେଉଁ ଚାଷୀମାନଙ୍କର ଧାନ FAQ ମାନର ହେବ ନାହିଁ, ସେମାନେ ଧାନ ବିକ୍ରି କରିବାର କୌଣସି ବିକଳ୍ପ ବ୍ୟବସ୍ଥା ସରକାର କରିଛନ୍ତି କି, ବର୍ତ୍ତମାନ ସୁଦ୍ଧା କେତେ ଚାଷୀଙ୍କର କେତେ ପରିମାଣର ଧାନ FAQ ମାନର ନହେବାରୁ ମଣ୍ଡିରେ ବିକ୍ରି ନହୋଇ ଫେରିଯାଇଛି ତାହାର ଜିଲ୍ଲାୱାରି ତଥ୍ୟ ଦେବେକି?

----